# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 9 March – 2026

## ବିଧାନସଭା

ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆଜିଠାରୁ ଆରମ୍ଭ ହେବ। ବିଧାନସଭା କାର୍ଯ୍ୟସୂଚୀ ଅନୁଯାୟୀ, ଆଜି ବିଭିନ୍ନ ବିଭାଗର ଷ୍ଟାଣ୍ଡିଂ କମିଟି ରିପୋର୍ଟ ଗୃହରେ ଉପସ୍ଥାପିତ ହେବ। ଆସନ୍ତାକାଲିଠାରୁ ଚଳିତମାସ ୩୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ବିଭାଗର ଖର୍ଚ୍ଚ ଦାବି ଗୃହରେ ଉପସ୍ଥାପନ କରାଯିବ। ୩୧ ତାରିଖରେ ଗୃହରେ ବ୍ୟୟ ମଞ୍ଜୁରୀ ବିଧେୟକ ଉପସ୍ଥାପନ କରାଯିବ। ଅଧିବେଶନ କାଳରେ ସରକାରଙ୍କ ବିଭିନ୍ନ ବିଭାଗର ବିଲ୍ ଆଗତ ହେବ ବୋଲି ବିଧାନସଭା ସୂତ୍ରରୁ ଜଣାପଡ଼ିଛି । ଅଧିବେଶନ ଏପ୍ରିଲ୍ ମାସ ୮ ତାରିଖ ପର୍ଯ୍ୟନ୍ତ ଚାଲିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଆର୍ଥିକବର୍ଷ ପାଇଁ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଛନ୍ତି ।

## ରାଜ୍ୟସଭା ନିର୍ବାଚନ-ପ୍ରାର୍ଥୀପତ୍ର

ରାଜ୍ୟସଭା ନିର୍ବାଚନ ପାଇଁ ଆଜି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିନ ରହିଛି । ଏଥିପାଇଁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଛି । ନିର୍ବାଚନ ପାଇଁ ୬ଟି ପ୍ରାର୍ଥୀପତ୍ର ଦାଖଲ ହୋଇଥିବା ବେଳେ ୫ ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଛି । ଆସନ୍ତା ୧୬ ତାରିଖ ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ ବୋଲି

ଜଣାଯାଇଛି ।  ଗୃହ କାର୍ଯ୍ୟ ଚାଲିବା ସହିତ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ମତଦାନ କରାଯିବ ।

ନିବାଚନ ଆୟୋଗଙ୍କ ପକ୍ଷରୁ ଫେବୃୟାରୀ ମାସ ୨୬ ତାରିଖରେ ରାଜ୍ୟ ସଭା ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା ।

## +୨ ଖାତାଦେଖା

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ଯୁକ୍ତ ଦୁଇ  ପରୀକ୍ଷାର ଖାତା ଦେଖା ଏପ୍ରିଲ୍ ମାସ ୨ ତାରିଖରୁ ଆରମ୍ଭ ହେବ । ପ୍ରଥମ ପର୍ଯ୍ୟାୟରେ ୨ରୁ ୧୩ ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଏପ୍ରିଲ୍ ୧୫ରୁ ୨୬ତାରିଖ ପର୍ଯ୍ୟନ୍ତ ଖାତା ଦେଖାଯିବ। ବିଜ୍ଞାନ, ବାଣିଜ୍ୟ ଓ କଳା ବିଭାଗର କେତେକ ବିଷୟର ଉତ୍ତରଖାତା ଇ-ମୂଲ୍ୟାୟନ କରାଯିବ । ଦୁଇଟି ପର୍ଯ୍ୟାୟରେ ଖାତା ଦେଖା ପାଇଁ ୧୬ ହଜାର ଅଧ୍ୟାପକ ନିୟୋଜିତ ହେବେ । ମେ ମାସ ତୃତୀୟ ସପ୍ତାହରେ ଫଳ ପ୍ରକାଶ ପାଇବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି ।

## ଖସାପଡା ନୀତି

**ପୁରୀ** ଶ୍ରୀମନ୍ଦିରରେ ଆଜି ଚୈତ୍ର କୃଷ୍ଣ ଷଷ୍ଠୀ ତିଥିରେ ଶ୍ରୀଜୀଉମାନଙ୍କର ଖସାପଡା ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଗୁପ୍ତ ନୀତି ସମ୍ପନ୍ନ ହେବ। ଏଥିପାଇଁ ସର୍ବସାଧାରଣ ଦର୍ଶନ ପ୍ରାୟ ୪ ଘଣ୍ଟା ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସୁଭଦ୍ରା ଶକ୍ତିମେଳା

କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସୁଭଦ୍ରା ଶକ୍ତି ଓ ଆତ୍ମନିର୍ଭର ସ୍ୱଦେଶୀମେଳା ଜୟପୁର ଦଶହରା ପଡ଼ିଆରେ ଗତକାଲିଠାରୁ ଆରମ୍ଭ ହୋଇଛି । ରାଜ୍ୟ ଖାଉଟି କଲ୍ୟାଣ, ଯୋଗାଣ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ମେଳାରେ ୨୫୦ଟି ଷ୍ଟଲ୍ ଖୋଲାଯାଇଛି। ଏହି ମେଳା ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ଜନଶୁଣାଣି

ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଏବଂ ଜାତୀୟ ମହିଳା ଆୟୋଗଙ୍କ ମିଳିତ ସହଯୋଗରେ ଆସନ୍ତାକାଲି ସମ୍ବଲପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ସମ୍ବଲପୁର, ଝାରସୁଗୁଡ଼ା ଏବଂ ବରଗଡ଼ ଜିଲ୍ଲାର ମହିଳାମାନଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗର ସମାଧାନ କରାଯିବ। ପୂର୍ବରୁ ନୋଟିସ୍ କିମ୍ବା ସମନ ପାଇଥିବା ବ୍ୟକ୍ତିବିଶେଷ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବା ପାଇଁ ଆୟୋଗଙ୍କ ତରଫରୁ ସୂଚନା ଦିଆଯାଇଛି।

## କଇଁଛଙ୍କ ଅଣ୍ଡାଦାନ

ପୁରୀ ବ୍ଲୁ ଫ୍ଲାଗ୍ ବେଳାଭୂମିରେ ଗତକାଲି ଅଲିଭ୍ ରିଡ୍‌ଲେ କଇଁଛ ସମୂହ ଅଣ୍ଡାଦାନ କରିଛନ୍ତି । ଚଳିତବର୍ଷ ପୁରୀ ବେଳାଭୂମିରେ ଏହା ପ୍ରଥମ

ଅଣ୍ଡାଦାନ ହୋଇଥିବା ବେଳେ ୧୧୪ଟି ଅଣ୍ଡା ବନ ବିଭାଗ କର୍ମଚାରୀଙ୍କୁ ହସ୍ତାନ୍ତର କରାଯାଇଛି । ବ୍ଲୁ ଫ୍ଲାଗ୍ ବେଳାଭୂମିରେ ଅଧିକ ଗହଳି ନଥିବାରୁ ଅଲିଭ୍ ରିଡ୍ଲେ କଇଁଛମାନେ ଏହି ବେଳାଭୂମିରେ ଅଣ୍ଡାଦାନ କରିଥାନ୍ତି । ଏଥିପାଇଁ ଅସ୍ତରଙ୍ଗ ବ୍ଲକର ଦେବୀନଦୀ ମୁହାଣଠାରୁ ପୁରୀ ପର୍ଯ୍ୟନ୍ତ ୧୪ଟି ସ୍ଥାନରେ ଅସ୍ଥାୟୀ କଇଁଛ ସୁରକ୍ଷା ଶିବିର ସ୍ଥାପନ କରାଯାଇଛି ।

## ଅଂଶୁଘାତ ପ୍ରସ୍ତୁତି ବୈଠକ

ସମ୍ଭାବ୍ୟ ଅଂଶୁଘାତ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପରିଷଦ ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିଲ୍ଲୀପ ରାଉତରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଂଶୁଘାତ ସମୟରେ ଲୋକମାନଙ୍କ ସୁରକ୍ଷା ଓ ସଚେତନତା ସଂପର୍କରେ ଆଲୋଚନା କରାଯାଇଥିଲା । ସହର ଓ ଗ୍ରାମାଞ୍ଚଳରେ ଶୀତଳ ପାଣିଘର ସ୍ଥାପନ, ଡାକ୍ତରଖାନାଗୁଡ଼ିକରେ ଅଂଶଘାତ ଚିକିତ୍ସା ପାଇଁ ସ୍ୱତନ୍ତ୍ର ୱାର୍ଡ ବ୍ୟବସ୍ଥା, ଆବଶ୍ୟକ ଔଷଧ ମହଜୁଦ ରଖିବା ସହିତ ଅଙ୍ଗନବାଡ଼ି, ଆଶାକର୍ମୀ ଏବଂ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ମାଧ୍ୟମରେ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

## କଳାହାଣ୍ଡି କପ୍

ଓଡିଶା କ୍ରିକେଟ୍ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା ବରିଷ୍ଠ ପୁରୁଷ କ୍ରିକେଟ୍ ପ୍ରତିଯୋଗିତା କଳାହାଣ୍ଡି କପ୍‌ରେ କଟକ-ଏ, ଅନୁଗୁଳ, ସୁନ୍ଦରଗଡ଼ ଏବଂ ରାଉରକେଲା ସେମିଫାଇନାଲ୍‌ରେ ପ୍ରବେଶ

କରିଛନ୍ତି । ଗତକାଲି କ୍ୱାର୍ଟର ଫାଇନାଲ୍‌ରେ ୩ଟି ଦଳ ବିଜୟୀ ହୋଇଥିବାବେଳେ ରେଳବାଇ ଦଳ ଅନୁପସ୍ଥିତ ରହିବାରୁ ରାଉରକେଲା ୱାକ୍‌ଓଭରରେ ସେମିଫାଇନାଲ୍‌ରେ ପ୍ରବେଶ କରିଛି ।

## ପାଣିପାଗ

ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶାର ବାୟୁମଣ୍ଡଳରେ ସକ୍ରିୟ ଘୂର୍ଣ୍ଣିବଳୟର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାର କିଛି ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି।  ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆଜି ରାଜ୍ୟର ଅଧିକାଂଶ ସ୍ଥାନରେ ପାଗ ମେଘୁଆ ରହିବ ।   ଆଜିଠାରୁ ପାଗରେ ପରିବର୍ତ୍ତନ ହେବାର ସମ୍ଭାବନା ଅଛି  । କେତେକ ସ୍ଥାନରେ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ ।  ପଶ୍ଚିମ ଓଡ଼ିଶା ସହର ଟିଟିଲାଗଡ଼ର ତାପମାତ୍ରା ଗତକାଲି ୪୦ ଡିଗ୍ରୀ ଅତିକ୍ରମ କରିଥିଲା । ଏହି ଅଞ୍ଚଳର ଅନ୍ୟ ସମସ୍ତ ଜିଲ୍ଲାଗୁଡ଼ିକରେ ତାପମାତ୍ରା ୩୭ଡିଗ୍ରୀରୁ ଅଧିକ ଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି ।